# ଧୂଳି

## କବି:ବିଦ୍ୟୁତପ୍ରଭା ଦେବୀ

## ଶ୍ରେଣୀ:ଷଷ୍ଠ

## ଦ୍ୱିତୀୟ ଦିନ

ODM EDUCATIONAL GROUP
Changing your Tomorrow

CHANGING YOUR TOMORROW

# SUB-CONCEPTS:ଧୂଳିକଣା ସବୁ ସହିଥାଏ ।

# ପୂର୍ବପାଠ୍ୟର ଆଲୋଚନା:

- ‘ଧୂଳି’ କବିତାର କବି କିଏ ?
- କବିଙ୍କର ଘର କେଉଁ ଜିଲ୍ଲାରେ ଅବସ୍ଥିତ ?
- କବିଙ୍କର କବିତାଗୁଡିକର ନାମ କୁହ ?

# କବିତାଂଶ ବ୍ୟାଖ୍ୟା:

ଆକାଶ ତଳେ ଧୂଳିକଣା ମୁଁ
ବିଶ୍ୱେ ଅତି ସାନ
ଜୀବନେ ମୋର ନାହିଁ ତ କେବେ
କା'ସାଥେ ଅଭିମାନ ।

ଜନ୍ତୁଜୀବ ସବୁରି ପାଦ
ପୀଡଇ ନିତି ମତେ
ନିର୍ବିକାରେ ତଥାପି
ପଡିଛି ଧାରାପଥେ ।



- ଆକାଶ ତଳେ ଧୂଳିକଣା ବିଶ୍ୱରେ ସବୁଠାରୁ କ୍ଷୁଦ୍ର ଅଟେ ।
- ଜୀବନରେ ତାର କାହା ସହିତ କିଛି ମାନ ଅଭିମାନ ନାହିଁ ।
- ପ୍ରତିଦିନ କେତେ ଜୀବଜନ୍ତୁ ସେମାନଙ୍କ ପାଦରେ ଦଳି ଚକଟି ତାକୁ କଷ୍ଟ ଦେଉଛନ୍ତି ।
- ହେଲେ ମନରେ ଟିକେ ଦୁଃଖ ନ କରି ବିକାରଶୂନ୍ୟ ହୋଇ ସେହିପରି ଧରା ପଥରେ ପଡି ରହିଛି ।

# କଠିନ ଶବ୍ଦର ଅର୍ଥ :

- ପୀଡଇ-କଷ୍ଟଦିଏ
- ନିର୍ବିକାର-ବିକାର ନ ଥିବା
- ବିଶ୍ୱେ-ବିଶ୍ୱରେ
- ଅଭିମାନ-ଅହଙ୍କାର
- ଧାରା-ପୃଥିବୀ
- ନିତି-ସର୍ବଦା

# ବ୍ୟାକରଣଗତ ଶବ୍ଦ:

## ବିପରୀତ ଶବ୍ଦ:

ଆକାଶ-ପାତାଳ
ପଥ-ଅପଥ
ଦୁଃଖ-ସୁଖ
ଜୀବ-ଅଜୀବ
ସାନ-ବଡ

## ପ୍ରତିଶବ୍ଦ:

ଧରା-ପୃଥିବୀ,ଧରିତ୍ରୀ
ପଥ-ବାଟ,ରାସ୍ତା
ଆକାଶ-ନଭ,ଗଗନ
ପାଦ-ପୟର,ଚରଣ

ODM EDUCATIONAL GROUP

# ଗୃହକର୍ମ:

କବିତାଟିକୁ ଭଲ ଭାବେ ପଢି କଠିନ ଶବ୍ଦ ଲେଖ
।

ODM EDUCATIONAL GROUP

# THANKING YOU

# ODM EDUCATIONAL GROUP